## ସଂକ୍ଷେପରେ

### ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଜବତ

**ଉଦଳା,୮।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ମଧୁପୁର ଜଙ୍ଗଲରୁ ଜନୈକା ଯୁବତୀଙ୍କ ମୃତଦେହ ମିଳିଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଜଙ୍ଗଲର ଥିବା ଏକ ଛୋଟ ଗଛରେ ଯୁବତୀଙ୍କ ମୃତଦେହ ଓଢ଼ଣିରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତ ଯୁବତୀଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଏସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୨) ରୁଜୁ କରିଛି।

### ୧୯ରୁ ମା' ପାଉଡ଼ି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାଙ୍ଗିରିପୋଷି,୮।୪(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ବଣକାଟୀସ୍ଥିତ ନବ ନିର୍ମିତ ମା' ପାଉଡ଼ି ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଲାଗି ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ସହିତ ଷୋହଳ ପ୍ରହର ଅଖଣ୍ଡ ହରି ନାମ ସଂକୀର୍ତ୍ତନ ହେବା ନେଇ ବୈଠକରେ ସ୍ଥିରୀକୃତ ହୋଇଛି।

### ମୁଣ୍ଡାକଟା ଗାଁରେ ଅଗ୍ନିକାଣ୍ଡ

**ସାରସକଣା,୮।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ମୁଣ୍ଡାକଟା ଗ୍ରାମର ବିରେନ ବେହେରାଙ୍କ ଘରେ ଶୁକ୍ରବାର ନିଆଁ ଲାଗି ବଖରାଏ ଚାଳ ଛପର ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଘରେ ଥିବା ଚାଉଳ, ଖଟ ସହିତ ଅନ୍ୟ ଆସବାବପତ୍ର ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ଖବରପାଇ ସାରସକଣା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ପଦ୍ମପୁର, ୮।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତ ମଲ୍ଲିକାଦେଇପୁର ଗ୍ରାମର କ୍ଷୌଣିକ ପଲେଇ ନାମକ ଯୁବକ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ଏକ ଗଛରେ କ୍ଷୌଣିକଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ନାୟକାଣିଡିହୀ ଥାନା ପୋଲିସକୁ ଖବର ଦେଇଥିଲେ। ଏଏସ୍ଆଇ ପ୍ରଭାସିନୀ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କ୍ଷୌଣିକ ଟ୍ରକ୍ ଚାଳକ ଥିଲେ। ପାରିବାରିକ କଳହକୁ କେନ୍ଦ୍ରକରି ଗୁରୁବାର ବିଳମ୍ବିତ ରାତିରେ ସେ ତାଙ୍କ ବାଡ଼ି ପଛପଟ ଏକ ଗଛରେ ବେକରେ ଦଉଡ଼ି ଲଗାଇ ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୪/୨୨) ରୁଜୁ ହୋଇଛି।

### ରୋଗୀଙ୍କୁ ଫଳ ବଣ୍ଟନ

**ବୈଶିଙ୍ଗା,୮।୪(ଡି.ଏନ.ଏ.):** ସେବା ସପ୍ତାହ ଉପଲକ୍ଷେ ଭାଜପା ପକ୍ଷରୁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଡାକ୍ତରଖାନାର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳିଙ୍କ ସମେତ ଭାଜପାର ବହୁ ବରିଷ୍ଠ ନେତା ଡାକ୍ତରଖାନାରେ ପହଞ୍ଚି ଥିଲେ। ରୋଗୀମାନଙ୍କ ସହିତ ଅଲୋଚନା କରିବା ସହିତ ଫଳ,ପାଉଁରୁଟି, ବିସ୍କୁଟ ଓ ପାଣି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା, ଲକ୍ଷ୍ମୀଧର ଦଣ୍ଡପାଟ, ରତିକାନ୍ତ ମହାନ୍ତ, ଚନ୍ଦ୍ରହାସ୍ୟ ପାଣିଗ୍ରାହୀ, ଉତ୍ସର୍ଗ ବେହେରା, ସତ୍ୟବ୍ରତ ମହାପାତ୍ର, ପ୍ରଶାନ୍ତ ସାମଲ, ରବିନ ଦାଶଙ୍କ ସମେତ ବହୁ ବରିଷ୍ଠ ନେତା ସହଯୋଗ କରିଥିଲେ।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କେନ୍ଦୁଝର, ୮।୪(ଡି.ଏନ୍.ଏ./ସ୍ୱ.ପ୍ର.):** କେନ୍ଦୁଝରସ୍ଥିତ ୧୪ ଓଡିଶା ଏନ୍‌ସିସି ବାଟାଲିୟନ୍‌ର କ୍ୟାଡେଟ୍ ମାନଙ୍କ ଦ୍ୱାରା କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନସ୍ଥଳ ସାନଘାଗରାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏନ୍‌ସିସି ବାଟାଲିୟନର କମାଣ୍ଡିଂ ଅଫିସର୍ ଏମ୍.ଚନ୍ଦ୍ର ଶେଖର ରାଓଙ୍କ ନିର୍ଦ୍ଦେଶ କ୍ରମେ ପୁନିତ ସାଗର୍ ଅଭିଯାନରେ ଏହି କାର୍ଯ୍ୟକ୍ରମରେ ବାଟାଲିୟନର ସୁବେଦାର ଏନ୍.ସି ଘୋଷ୍, ବିଏଚ୍‌ଏମ୍ ବଲରାଜ୍ ସିଂ, ହାବିଲଦାର କମଲେଶ ଠାକୁର୍, ପୋଲିସ ହାଇସ୍କୁଲର ଏନ୍‌ସିସି ଅଫିସର ବିଜୟ କୁମାର ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୩୦ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ସାନଘାଗରା ଠାରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ କ୍ୟାଡେଟମାନେ ସଫେଇ କରିବା ସହିତ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ସ୍ଥଳ ପରିଛନ୍ନତା ଉପରେ ସଚେତନ କରାଇଥିଲେ।

# ଶ୍ରୀରାମ ଧ୍ୱନିରେ କମ୍ପୁଛି ସହର

- ୩ ପୀଠରୁ ଆସିଲା ଆଜ୍ଞାମାଳ
- ୨୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା


ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ମହିଳାଙ୍କ କଳସ ଶୋଭାଯାତ୍ରା।

**ଭଦ୍ରକ ଅଫିସ,୮।୪**

କୋଭିଡ୍ କଟକଣା ହଟିବା ପରେ ଭଦ୍ରକ ସହରରେ ଗଣପର୍ବ ଭାବେ ପରିଚିତ ଶ୍ରୀରାମ ନବମୀ ମହୋତ୍ସବ ଏଥର ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ ଭଦ୍ରକ ସହର ଚଳଚଞ୍ଚଳ ହୋଇଉଠିଛି। ଜୟ ଶ୍ରୀରାମ ଧ୍ୱନିରେ କମ୍ପୁଛି ସାରା ସହର। ଆସନ୍ତା ୧୦ ତାରିଖରେ ମୁଖ୍ୟ ମହୋତ୍ସବ ପାଳନ ହେବାକୁ ଥିବାବେଳେ ୭ଦିନ ପୂର୍ବରୁ ସ୍ଥାନୀୟ ଗାନ୍ଧୀପଡ଼ିଆଠାରେ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ସ୍ୱତନ୍ତ୍ର ପୂଜାପାଠ ଆରମ୍ଭ ହୋଇଛି। ଗଣଦୌଡ଼, ସାଧୁସନ୍ଥ ପୂଜନ, ଗୋ-ପୂଜନ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗାନ୍ଧୀପଡ଼ିଆଠାରେ ପ୍ରଭୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ମଧ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ୩ ପୀଠ ଆରଡ଼ିର ବାବା ଆଖଣ୍ଡଳମଣି, ଯାଜପୁରର ମା' ବିରଜା ଓ ଭଦ୍ରକାଳୀଙ୍କ ପୀଠରୁ ଶତାଧିକ ଭକ୍ତଙ୍କୁ ନେଇ ଆଜ୍ଞାମାଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି। ଶ୍ରୀରାମ ନବମୀ ମହାଯଜ୍ଞ ଲାଗି ଭଦ୍ରକ ସହରର ଲୋକନାଥ ମନ୍ଦିରରୁ ଘଟ ଅଣାଯାଇ ଯଜ୍ଞ ଆରମ୍ଭ ହୋଇଛି।

ଅପରାହ୍ନରେ ୨୦୦୮ ମହିଳାଙ୍କ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ହୁଳହୁଳି ସାଙ୍ଗକୁ ଘଣ୍ଟୁଆଙ୍କ ଘଣ୍ଟନାଦ, ଢୋଲ ବାଦ୍ୟ ଶୋଭାଯାତ୍ରା ନିଆରା ମାହୋଲ ସୃଷ୍ଟି କରିଥିଲା। ମହିଳାମାନେ ସାଳନ୍ଦୀ ନଦୀରୁ ଘଟୋତ୍ତଳନ କରି ବନ୍ତ ଛକ ରାସ୍ତା ଦେଇ ସହର ପରିକ୍ରମା କରି ଗାନ୍ଧୀପଡ଼ିଆ ଯଜ୍ଞପୀଠରେ ପହଞ୍ଚିଥିଲେ। ମାଳତୀଲତା ସାହୁ, ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଭାରତୀ ବିଶ୍ୱାଳ, ଗୀତା ପଢ଼ିଆରୀ, ହରପ୍ରିୟା ସାହୁ, ଲିପିକା ବାରିକ, ଉଷା ପାଢ଼ୀ, ଗୀତିକା ମହାପାତ୍ର, ରମିତା ପାଢୀ, ଉର୍ମିଳା ସେଠୀ, ପଙ୍କଜିନୀ ଲେଙ୍କା, ପଦ୍ମିନୀ ଦ୍ୱିବେଦୀ, ଉର୍ମିଳା ସାହୁ, ଶ୍ରାବଣୀ କିନ୍ନର, ଚୈତାଳି ଖିଲାର ପ୍ରମୁଖ ଶୋଭାଯାତ୍ରାରେ ନେତୃତ୍ୱ ନେଇଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ମହିଳାମାନେ ଏଥିରେ ସାମିଲ ହୋଇଥିଲେ। ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ରାୟ ରାମାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ଯୁଗ୍ମ ସମ୍ପାଦକ ତପନ ମହାନ୍ତି, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ସହ କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବରିଷ୍ଠ ସଦସ୍ୟ ଜଗନ୍ନାଥ ଦାଶ, ଉପଦେଷ୍ଟା ଅଭିମନ୍ୟୁ ସେଠୀ, ବଦ୍ରି ନାରାୟଣ ଧଳ, ତୁଷାର ଦାସ ଓ ସ୍ୱାଧୀନ ସୁନ୍ଦର ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୫ ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି ତେଜିଲା

**ରେଳମନ୍ତ୍ରୀଙ୍କୁ ଦାବିପତ୍ର**

**ରୂପସା, ୮।୪(ଡି.ଏନ.ଏ.)**

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ କର୍ତ୍ତୃପକ୍ଷଙ୍କ ବାଲେଶ୍ୱର ଜିଲାବାସୀଙ୍କ ପ୍ରତି ବୈମାତୃକ ମନୋଭାବ ନେଇ ଅସନ୍ତୋଷ ଲାଗିରହିଛି। କୋଭିଡ୍ ପୂର୍ବରୁ ଖଡ଼ଗପୁର-ଭଦ୍ରକ ରୁଟ୍‌ରେ ୮ ପାସେଞ୍ଜର ଟ୍ରେନ୍ ଚଳାଚଳ କରୁଥିଲା। ଏବେ ମାତ୍ର ୩ଟି ଟ୍ରେନ୍ ଚଳାଚଳ କରୁଛି। ତୁରନ୍ତ ଅନ୍ୟ ୫ଟି ପାସେଞ୍ଜର ଟ୍ରେନ ଚଳାଚଳ ହେଉ ବୋଲି ରୂପସା ବ୍ୟବସାୟୀ ସଂଘ ଓ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ରେଳପଥ ଜିଏମ୍ ଓ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କୋଭିଡ୍‌ସ୍ଥିତି ସୁଧାରିବା ପରେ ୮ ପାସେଞ୍ଜର ଟ୍ରେନ୍ ମଧ୍ୟରୁ ଖଡ଼ଗପୁର-ଭଦ୍ରକ ମେମୋ, ଖଡ଼ଗପୁର-ଯାଜପୁର ଓ ହାୱଡ଼ା-ଭଦ୍ରଖ ବାଘାଯତୀନ ପାସେଞ୍ଜର ଚଳାଚଳ ହେଉଛି। ୨ବର୍ଷ ଧରି ଅବଶିଷ୍ଟ ସାନ୍ତରାଗାଛି-ପୁରୀ ପାସେଞ୍ଜର, ଖଡ଼ଗପୁର-ଖୋର୍ଦ୍ଧାରୋଡ଼ ଫାଷ୍ଟ ପାସେଞ୍ଜର, ଖଡ଼ଗପୁର-ବାଲେଶ୍ୱର ମେମୋ, ବାଲେଶ୍ୱର-ଭଦ୍ରକ ପାସେଞ୍ଜର ଓ ବାଙ୍ଗିରିପୋଷି-ବାଲେଶ୍ୱର ଡିଏମ୍ୟୁ ଲୋକାଲ ବନ୍ଦ ଥିବାରୁ ଯାତ୍ରୀମାନେ ବହୁ ହଇରାଣ ହରକତ ହେଉଛନ୍ତି। ବସ୍ ଭଡ଼ା ବୃଦ୍ଧି ତଥା ଗମନାଗମନ ସୁବିଧା ଦୃଷ୍ଟିରୁ ବିଭିନ୍ନ ସ୍ଥାନୀୟ ବ୍ୟବସାୟୀଙ୍କ ସମେତ ଗରିବ, ଦିନମଜୁରିଆମାନେ ଟ୍ରେନ୍ ଉପରେ ନିର୍ଭର କରିଥାନ୍ତି। କେଉଁ କାରଣରୁ ରେଳ ବିଭାଗ ଟ୍ରେନ୍ ଚଳାଚଳରେ ରୋକ ଲଗାଇଛନ୍ତି ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଆସନ୍ତା ୧୦ତାରିଖରୁ ଖଡ଼ଗପୁର-ଖୋର୍ଦ୍ଧାରୋଡ଼ ଫାଷ୍ଟ ପାସେଞ୍ଜର, ୧୧ରୁ ବାଙ୍ଗିରିପୋଷି-ବାଲେଶ୍ୱର ଡିଏମ୍ୟୁ ଲୋକାଲ ଓ ୧୨ରୁ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଚଳାଚଳ ହେବ ବୋଲି ଡିଆର୍‌ଏମ୍ ଘୋଷଣା କରିଛନ୍ତି। ମାତ୍ର ଗୁରୁତ୍ୱ ଦୃଷ୍ଟିରୁ ସାନ୍ତରାଗାଛି-ପୁରୀ ପାସେଞ୍ଜର, ଖଡ଼ଗପୁର-ବାଲେଶ୍ୱର ଓ ବାଲେଶ୍ୱର-ଭଦ୍ରକ ପାସେଞ୍ଜର ଚଳାଚଳ ନେଇ କୌଣସି ସୂଚନା ମିଳି ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏସବୁ ପାସେଞ୍ଜର ଟ୍ରେନ ଚଳାଚଳ ହେବା ସହ ରୂପ୍‌ସାରେ ଡାଉନ୍ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନ ରହଣି, ଖଡ଼ଗପୁର-ଭଦ୍ରକ ମେମୋ ଓ ଡାଉନ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍‌ର ସମୟ ସାରଣୀ ପୂର୍ବବତ ରଖାଯିବା ଏବଂ ସମସ୍ତ ପାସେଞ୍ଜର ଟ୍ରେନ୍‌ର ପାସେଞ୍ଜର ଭଡ଼ା ଲାଗୁ କରା ନ ଗଲେ ଆନ୍ଦୋଳନ ହେବ ବୋଲି ରୂପ୍‌ସା ବ୍ୟବସାୟୀ ସଂଘ ଓ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

## କେନ୍ଦୁଝରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ


ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

**କେନ୍ଦୁଝର, ୮।୪(ସ୍ୱ.ପ୍ର)**

ଓମ୍ୟାଡସି ସିଇଓ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ କେ. ମୁର୍ଗାସନ ୨ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ସ୍ଥାନୀୟ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଓମ୍ୟାଡସି ଅର୍ଥରେ ବାୟୁ ମାପକ ଯନ୍ତ୍ର, ପଦ୍ମପୁର ସ୍ଥିତ ମେଗର ନର୍ସରୀରେ ଗ୍ରୀନ ବେଲ୍ଟ ପ୍ରୋଜେକ୍ଟରେ ଲଗାଯାଇଥିବା ୧୮ ମାସର ଚାରା ବୁଲି ଦେଖିଥିଲେ। ପରେ ସଦର ବ୍ଲକ ବୋଦାପଳସା ଗ୍ରାମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କୋଠାର ଭିତ୍ତିଭୂମି ନୀରିକ୍ଷଣ କରିଥିଲେ। ଏଠାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଶତାବ୍ଦୀ କୋଠା ଓ ଷ୍ଟାଫ କ୍ୱାର୍ଟର୍ସ ବୁଲି ଦେଖିଥିଲେ। ଏହାପରେ କେନ୍ଦୁଝର ପୌରାଞ୍ଚଳର ସିଦ୍ଧମଠସ୍ଥିତ ମଡେଲ ଅଙ୍ଗନୱାଡି କେନ୍ଦ୍ର, ଡିମ୍ବୋ ଗ୍ରାମର ବଡି ପ୍ରସ୍ତୁତ ୟୁନିଟ ବୁଲି ଦେଖି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ କଲେଜରୋଡ୍ ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଗସ୍ତ କରି ସମୀକ୍ଷା କରିଥିଲେ। ଡିଏଫଓ ଧନରାଜ ଏଚଡି, ଆଞ୍ଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଇଂ. ପୁଷ୍କର ଚନ୍ଦ୍ର ବେହେରା, ପିଡି ଡିଆରଡିଏ ବିଷ୍ଣୁପ୍ରସାଦ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରକୁ ମନୋନୀତ ୧୦ ପ୍ରକଳ୍ପ

**ଭଦ୍ରକ ଅଫିସ,୮।୪**

ଭଦ୍ରକ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ସଭାପତିତ୍ୱ ଓ ବିଜ୍ଞାନ ସଂଯୋଜକ ବୈକୁଣ୍ଠ ବିଶ୍ୱାଳ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ କମଳାକାନ୍ତ ଜେନା, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଓ ପ୍ରଧାନଶିକ୍ଷୟିତ୍ରୀ ବନଲତା ସାହୁ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୭ ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ବିଚାରକମାନେ ୧୦ ପ୍ରକଳ୍ପ ଜିଲା ସ୍ତରକୁ ମନୋନୀତ କରିଛନ୍ତି। ବିଧାୟକ ମଲ୍ଲିକ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ ବିଜ୍ଞାନ ପ୍ରତି ନିଷ୍ଠାବାନ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ, ମୁଖ୍ୟବକ୍ତା ଜିଲା ବିଜ୍ଞାନ ସଂଯୋଜକ ସରୋଜ କୁମାର ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିର୍ମଳ ପାଣିଗ୍ରାହୀ, ଅନାମ ଚରଣ ଯେନା, ଭୀମଚରଣ ପରିଡ଼ା, ଉମେଶ ଚନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ।

# ନିଯୁକ୍ତିର ୩ ଦିନ ପରେ ଶିକ୍ଷକ ବଦଳି

**ପ୍ରତିବାଦରେ ଧାରଣା**


ବିଦ୍ୟାଳୟ ଆଗରେ ଅଭିଭାବକମାନେ ଧାରଣାରେ ବସିଛନ୍ତି।

**ଖଇରା, ୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ କଳମଚୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ମିଳିବାର ୩ଦିନ ଭିତରେ ପୁଣି ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ଛାତ୍ରୀଛାତ୍ର, ଅଭିଭାବକମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ସିଆରସିସି ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ନ ମିଳିବାରୁ ଅଭିଭାବକମାନେ ପୁନଶ୍ଚ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସିବାକୁ ନିଷ୍ପତ୍ତି ନେଇଥିବା ପରିଚାଳନା କମିଟି ସଭାପତି ସନ୍ତୋଷ ପାତ୍ର କହିଛନ୍ତି।

ଅଭିଭାବକଙ୍କ କହିବା ଅନୁଯାୟୀ ବିଦ୍ୟାଳୟରେ ୯୦ଜଣ ପିଲାଙ୍କ ପାଇଁ ୩ଜଣ ଶିକ୍ଷକ ଥିବା ବେଳେ ୧୫ଦିନ ତଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଗ୍ରାମବାସୀଙ୍କ ଦାବି ପରେ ୪ତାରିଖରେ ନରହରି ପଣ୍ଡାଙ୍କୁ ଏଠାରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ହେଲେ ୭ ତାରିଖରେ ଶିକ୍ଷକ ନରହରି ପଣ୍ଡାଙ୍କୁ ଅନ୍ୟତ୍ର ବଦଳି କରାଯିବାରେ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେଉଁ ବିଦ୍ୟାଳୟକୁ ବଦଳି କରାଯାଇଛି ସେଠାରେ ୩୦ଜଣ ପିଲାଙ୍କୁ ୨ଜଣ ଶିକ୍ଷକ ଥିବାବେଳେ ପୁଣି ଜଣେ ଅଧିକ ଶିକ୍ଷକଙ୍କୁ କେମିତି ନିଯୁକ୍ତି ଦିଆଗଲା ବୋଲି ୱାର୍ଡସଭ୍ୟ ରମାକାନ୍ତ ପାତ୍ର, ଅଭିଭାବକ ଅଜିତ ଦାସ କହିଛନ୍ତି। ବଦଳି ବାତିଲ ତଥା ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ସମୟରେ ହୋଇଥିବା ଆର୍ଥିକ ଅନିୟମିତତାର ତଦନ୍ତ ଦାବିରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଶୁକ୍ରବାରଠାରୁ ଧାରଣା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ପ୍ରସାଦ ପାଢୀଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନ ସେମାନଙ୍କର ପିଲା ହିସାବରେ ଶିକ୍ଷକ ପଦବୀ ପୂରଣ ହୋଇ ସାରିଛି । ଯେବେ ଆବଶ୍ୟକତା ପଡିବ ସେତେବେଳେ ଶିକ୍ଷକ ଦିଆଯିବ ବୋଲି କହିଛନ୍ତି ।

## ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ପୋଷ୍ଟ: ଥାନାରେ ଏତଲା

**ପାଟଣା, ୮।୪(ସ୍ୱ. ପ୍ର.):** ଓଡ଼ିଶା କୁଡୁମୀ ସେନାର ହ୍ୱାଟ୍‌ସ ଆପ ଗ୍ରୁପ୍‌ରେ ସିଲିପଦା ପଞ୍ଚାୟତ ସରସ୍ୱତୀ ପଡ଼ା ଗ୍ରାମର ରଜତ ମହାନ୍ତ ନାମକ ଜଣେ ଯୁବକ ଅଶ୍ଳୀଳ ଭିଡିଓ ପୋଷ୍ଟ କରିଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। କୁଡୁମୀ ସେନା ଉପ ସଭାପତି ମିତ୍ରଭାନୁ ମହାନ୍ତ, କୋଷାଧ୍ୟକ୍ଷ ତଥା ଗଣମାଧ୍ୟମ ମୁଖପାତ୍ର ଲମ୍ବୋଦର ମହାନ୍ତ, ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ, ପାଟଣା ବ୍ଲକ ମିଡିଆ ସେଲ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ମୋହନ ସୁନ୍ଦର ମହାନ୍ତ, ଅଶୋକ କୁମାର ମହାନ୍ତ, ବିଜୟ କୁମାର ମହାନ୍ତ ପ୍ରମୁଖ ଥାନାରେ ଉପସ୍ଥିତ ରହି ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏନେଇ କୁଡୁମୀ ସେନା ରାଜ୍ୟ ଉପଭାପତି ମିତ୍ରଭାନୁ ମହାନ୍ତଙ୍କୁ ପଚାରିବାରୁ କୁଡୁମୀ ସେନାକୁ ବଦନାମ କରିବାକୁ ଯୁବକଙ୍କ ସହ କିଛି ଅସାଧୁ ବ୍ୟକ୍ତି ଏଭଳି ହୀନ ଉଦ୍ୟମ କରିଛନ୍ତି। କୁଡୁମୀ ଜାତି ଆଗାମୀ ଦିନରେ ଏମାନଙ୍କୁ ଉଚିତ୍ ଜବାବ ଦେବେ ବୋଲି କହିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦୁଇ ମହିଳା ଗୋଷ୍ଠୀ ମୁହାଁମୁହିଁ

**ମିଶନ ଶକ୍ତି ଗୃହ ସାମଗ୍ରୀ ସ୍ଥାନାନ୍ତର ନେଇ ବିବାଦ**

**ବନ୍ତ, ୮।୪ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତରେ ମିଶନ ଶକ୍ତି ଗୃହର ଜିନିଷପତ୍ର ସ୍ଥାନାନ୍ତରକୁ ନେଇ ଗୁରୁବାର ଦୁଇ ମହିଳା ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାକୁ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ବିଡିଓଙ୍କ ନିକଟରେ ଏବଂ ଆଗରପଡ଼ା ଥାନାରେ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ଓଡ଼ଙ୍ଗ କସ୍ତୁରବା ମହିଳା ମହାସଂଘର ନିଜସ୍ୱ ମିଶନ ଶକ୍ତି ଗୃହ ବସିବା ନିମନ୍ତେ ଉପଯୁକ୍ତ ହୋଇ ନ ଥିବାରୁ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ୪ ବର୍ଷ ଧରି କାର୍ଯ୍ୟ ହୋଇଆସୁଥିଲା। ପଞ୍ଚାୟତର ପାରାବନ୍ଧ ବିଦ୍ୟାଳୟ ବନ୍ଦ ହୋଇଯିବା ପରେ ତାହାକୁ ମିଶନ ଶକ୍ତି କାର୍ଯ୍ୟାଳୟ ସ୍ଥାନାନ୍ତର କରିବାକୁ କେତେକ ମହିଳା ଗୋଷ୍ଠୀ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ। ଏହା ଜାଣିପାରି ସଂଘର କେତେଜଣ ସଦସ୍ୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ମହାସଂଘର ଏମ୍‌ବିକେଙ୍କ ସମେତ ସଭାନେତ୍ରୀ ଓ ସମ୍ପାଦିକା ବିଡିଓଙ୍କ ଚିଠି ନଂ.୯୨୫ ଅନୁସାରେ ଗତ ୨ ତାରିଖରେ ମିଶନ ଶକ୍ତିର ଜିନିଷପତ୍ର ପାରାବନ୍ଧ ବିଦ୍ୟାଳୟକୁ ସ୍ଥାନାନ୍ତର କରିଥିଲେ। ଏହି ସ୍ଥାନାନ୍ତରକୁ ବିରୋଧ କରୁଥିବା ଅନ୍ୟ ଗୋଷ୍ଠୀର ମହିଳାମାନେ ବିଦ୍ୟାଳୟର ସାମଗ୍ରୀ ଥିବା ଗୃହର ତାଲା ଭାଙ୍ଗି ଦେଇଛନ୍ତି। ଏଥିସହ ସମସ୍ତ ଜିନିଷପତ୍ର ନେଇଯାଇଥିବା ମହାସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ଘଟଣାର ସମାଧାନ ପାଇଁ ପୋଲିସ ୪ଦିନ ସମୟ ନେଇଥିବା ସଂଘ ପକ୍ଷରୁ କୁହାଯାଇଛି।

## ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ

**କେନ୍ଦୁଝର, ୮।୪ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ତୃପ୍ତିମୟୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ଡି.ଏନ. ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳାରେ ସଦର ବ୍ଲକ ଅଧୀନ ୧୧୫ ସ୍କୁଲରୁ ୧୧୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୨ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଯଶୋବନ୍ତ ନାରାୟଣ ସିଂ ବାବୁ, ପ୍ରକାଶ ଚନ୍ଦ୍ର ପାଲ, ଭାଗୀରଥି ଗିରି ଓ ଦ୍ୱାରିକାନାଥ ସାହୁ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ନିକୁ ସାହୁ, ମୁଖ୍ୟବକ୍ତା ଯଶୋବନ୍ତ ନାରାୟଣ ସିଂ ବାବୁ ଓ ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ମହାନ୍ତ ଯୋଗଦେଇ ମନୋନୀତ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅଜ୍ଞାନ କୁମାର ଚାନ୍ଦ, ହେଲେନ ମହାନ୍ତ, ରାଜଲକ୍ଷ୍ମୀ ମହାପାତ୍ର, ପୁଷ୍ପିତା ଚାନ୍ଦ, କୃଷ୍ଣ କୁମାର ବେହେରା, ଭାରତୀ ନାଏକ, ମଞ୍ଜୁଳା ମଞ୍ଜରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ସିଦ୍ଧ ମହାବୀର ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ

**ବୈଶିଙ୍ଗା,୮।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ପଞ୍ଚାୟତ କଦଳୀଆ ଗ୍ରାମସ୍ଥିତ ସିଦ୍ଧ ମହାବୀର ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧିବାସ, ଅଙ୍କୁରରୋପଣ ଓ ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ସୂର୍ଯ୍ୟପୂଜା ତଥା ଅନ୍ୟ ଦେବଦେବୀଙ୍କୁ ପୂଜାର୍ଚ୍ଚନା ସହ ସିଦ୍ଧ ମହାବୀରଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। କର୍ତ୍ତା ଭାବେ ଜୟନ୍ତ ମହାପାତ୍ର, ସୁକାନ୍ତ ମହାପାତ୍ର, ରତିକାନ୍ତ ପାଢୀ, ପ୍ରିୟନାଥ ପାଣି, ମନୋଜ ପୁହାଣ ପ୍ରମୁଖ ଧର୍ମପତ୍ନୀଙ୍କ ସହିତ ଯଜ୍ଞରେ ଆହୂତି ପ୍ରଦାନ କରିଥିଲେ। ୫ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଅତିଥିଭାବେ ପୋଲିସ ଉପଖଣ୍ଡ ଅଧିକାରୀ ସୁଦର୍ଶନ ଦାଶ, ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ ଓତା, ପ୍ରାକ୍ତନ ବିଧାୟକ ଗଣେଶର ପାତ୍ର, ଜଗନ୍ନାଥ ମଲ୍ଲିକ, ବିଶ୍ୱନାଥ ହେମ୍ବ୍ରମ, ବିଧାୟକ ସନାତନ ବିଜୁଳି, ବ୍ରଜମୋହନ ବେହେରା, ରବିନାରାୟଣ ପଣ୍ଡା ଯଜ୍ଞସ୍ଥଳ ପରିଦର୍ଶନ କରିଥିଲେ। ମହାବୀର ସେବକ ସମାଜର ସଦସ୍ୟମାନେ ସହଯୋଗ କରିଥିଲେ।

# ମାଛଘାଟ ସାହିରେ ପହଞ୍ଚିଲେ ଅଧିକାରୀ, ନେତା

**ଚମ୍ପୁଆ,୮।୪(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଏନଏସି ଅଧୀନ ଗୋଧୂଳି ଗ୍ରାମ ମାଛଘାଟ ସାହି ବାସିନ୍ଦା ନାଳରେ ଚୁଆ ଖୋଳି ଜଳ କଷ୍ଟ ମେଣ୍ଟାଉଥିବା ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନର ଚେତା ପଶିଛି। ନବ ନିର୍ବାଚିତ ଏନ୍‌ଏସି ଅଧ୍ୟକ୍ଷ

**ଧରିତ୍ରୀ ପ୍ରଭାବ**

ଗିରିଜା ଶଙ୍କର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏନଏସି ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ, ଶୁକ୍ରବାର ଗାଁକୁ ଯାଇ ପାନୀୟଜଳ ସମସ୍ୟାର ସମାଧାନ ଲାଗି ଲୋକଙ୍କ ସହ ଆଲୋଚନା କରିଛନ୍ତି। ୧ନଂ. ୱାର୍ଡର କାଉନସିଲର ଛତ୍ରପତି ନାଏକ, ଚେୟାରମ୍ୟାନଙ୍କ ପ୍ରତିନିଧି ପ୍ରଦୀପ କୁମାର ରାଜ, ବିଭାଗୀୟ ଯନ୍ତ୍ରୀ ବୁଧୁରାମ ସିଂ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ହୃଷିକେଶ ମହାନ୍ତ, ବିଜୟ କୁମାର ମିଶ୍ର ପ୍ରମୁଖ ମାଛଘାଟ ସାହିରେ ପହଞ୍ଚି ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଉକ୍ତ ସାହି ନିକଟକୁ ଲାଗି ରହିଥିବା ବେସରକାରୀ ଜାଗା ପାଇଁ ଏହି ସମସ୍ୟା ଉପୁଜିଥିବା ଜଣାପଡ଼ିଥିଲା। ଏ ନେଇ ଜାଗା ମାଲିକଙ୍କ ସହ ଆଲୋଚନା କରାଯିବ ଏବଂ ଯେତେଦିନ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ନ ହୋଇ ପାରିଛି ସେତେଦିନ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍‌ଏସି ଅଧୀନ ୧ନଂ. ୱାର୍ଡ ମାଛଘାଟ ସାହିର ବାସିନ୍ଦାମାନେ ଜଳ କଷ୍ଟ ନିବାରଣ ପାଇଁ ନାଳରୁ ଚୁଆ ଖୋଳି ଜଳ ସଂଗ୍ରହ କରୁଛନ୍ତି। ଗୋଧୂଳି ଓ ଶିରପୁର ସୀମାରେ ଅବସ୍ଥିତ ଏହି ସାହିରେ ପ୍ରାୟ ଶତାଧିକ ଲୋକ ବସବାସ କରୁଥିଲେ ମଧ୍ୟ ଏମାନଙ୍କ ପାଇଁ ପାନୀୟ ଜଳ ପାଲଟିଛି ସ୍ୱପ୍ନ। ସକାଳ ହେଲେ ଜଳ ଚିନ୍ତା ଲାଘବ ପାଇଁ ଅନତି ଦୂରରେ ବୋହିଯାଉଥିବା ଏକ ନାଳରେ ଚୁଆ ଖୋଳି ଲୋକେ ଜଳ ସଂଗ୍ରହ କରିଥାନ୍ତି। ଉକ୍ତ ସାହିରେ ନଳକୂପଟିଏ ମଧ୍ୟ ବସି ପାରି ନ ଥିବା ଉଦ୍‌ବେଗର କାରଣ ପାଲଟିଛି।


ମାଛଘାଟ ସାହି ବାସିନ୍ଦାଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ହତ୍ୟାକାରୀଙ୍କୁ ୧୦ ବର୍ଷ ଜେଲ

ରାଇରଙ୍ଗପୁର,୮।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ଏହାର ବିଚାର କରି ଘାସିରାମ ପୂର୍ତ୍ତିଙ୍କୁ ଦୋଷୀ ସବ୍ୟସ୍ତ କରି ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବାଦାମପାହାଡ଼ ଥାନା ଅଧୀନ ପୋଖରିଆ ଗାଁର ଘାସିରାମ ୨୦୧୮ ନଭେମ୍ବର ୧୮ ତାରିଖରେ ସେହି ଗ୍ରାମର ଶିବ ହେମ୍ବ୍ରମଙ୍କୁ ଏକ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୦/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

### ବନ୍ଧା ହେଲେ ପ୍ରେମିକ
#### ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ବାରିପଦା ଅଫିସ,୮।୪: ପ୍ରେମ ପ୍ରତାରଣାର ଶିକାର ହୋଇ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ପ୍ରେମିକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ୧୫ନଂ. ୱାର୍ଡର ସତ୍ୟବ୍ରତ ସାହୁ(୨୬) । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୨୩୫/୨୨)ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା କରି ତଦନ୍ତ ଜାରି ରଖିଛି । ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ସତ୍ୟବ୍ରତ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ବୁଧବାର ବାଲେଶ୍ୱରରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ତେବେ ୧୮ନଂ. ଜାତୀୟ ରାଜପଥର କାଠପାଳଠାରେ ତାଙ୍କୁ ଏକାକୀ ଛାଡ଼ି ଫେରାର ହୋଇ ଯାଇଥିଲେ । ଏଥିରେ ମର୍ମାହତ ହୋଇ ଯୁବତୀ ଜଣକ ନିକଟସ୍ଥ ଜଙ୍ଗଲରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯୁବତୀଙ୍କ ପରିବାର ଲୋକେ ସତ୍ୟବ୍ରତଙ୍କ ଘରକୁ ଯାଇ ଘଟଣା ବାବଦରେ ଅବଗତ କରିଥିଲେ। ତେବେ ଯୁବତୀ ଜଣକ ଦଳିତ ଶ୍ରେଣୀର ହୋଇଥିବାରୁ ପ୍ରେମିକ ଘର ଲୋକେ ଯୁବତୀଙ୍କ ପରିବାର ଲୋକଙ୍କ ପ୍ରତି ଜାତିଆଣ ଆକ୍ଷେପ କରି ଗାଲିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଜଣକ ଗୁରୁବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପ୍ରେମିକଙ୍କ ସହିତ ତାଙ୍କ ମା' ଓ ବାପା ନାମରେ ମାମଲା ରୁଜୁ କରିଛି।

### ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ୧୪୩ ଛାତ୍ରୀ

ପାଟଣା,୮।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ବିଭାଗର ୧୪୩ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷିକା ଭାବେ ଅଭିଲିପ୍ସା ପଟ୍ଟନାୟକ ଓ ଅଭିସ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାନ୍ତ ଯୋଗଦେଇ ଛାତ୍ରୀଙ୍କ ଜୀବନରେ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଥିବା କହିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଜତିନ୍ଦ୍ର କୁମାର ମିଶ୍ର, କ୍ରୀଡ଼ା ଶିକ୍ଷକ ସୁଶୀଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନମେଳା

କୁଆମରା,୮।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଟିଟିଆ ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟିଟିଆ ପଞ୍ଚାୟତର ସରପଞ୍ଚ ସୀତାମଣି ହେମ୍ବ୍ରମ, ମୁଖ୍ୟବକ୍ତା ସ୍କୁଲ ପରିଚାଳନା କମିଟି ସଭ୍ୟ ଅନ୍ତର୍ଯ୍ୟାମୀ ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟ ଗୋରାଚାନ୍ଦ ମାଝୀ ଯୋଗ ଦେଇଥିଲେ। ଶିକ୍ଷକ ତବାସୁମ ଆରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଆରସିସି କୁଳମଣି ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ସଂଗ୍ରାମ କେଶରୀ ଭୋଳ, ମୁଖ୍ୟବକ୍ତା ବିଜୟିନୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅମରସିଂ ସୋରେନ ଓ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱମୋହନ ବେହେରା ଯୋଗ ଦେଇଥିଲେ।

# ଅଖଣ୍ଡ ଶିକାର ରୋକିବାକୁ ପ୍ରଶାସନ ତତ୍ପର

## ଶିମିଳିପାଳ ସୁରକ୍ଷା ପାଇଁ ଜିଲାସ୍ତରୀୟ ମିଳିତ ସମନ୍ୱୟ ବୈଠକ

ବାରିପଦା ଅଫିସ,୮।୪

ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଅଖଣ୍ଡ ଶିକାର ରୋକିବା ଉଦ୍ଦେଶ୍ୟରେ ଜିଲା ସଦର ମହକୁମା ବାରିପଦାଠାରେ ଏକ ଜିଲାସ୍ତରୀୟ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ବିନୀତ ଭରଦ୍ୱାଜ ଅଧ୍ୟକ୍ଷତା କରିଥିଲେ। ମୟୂରଭଞ୍ଜ ଜିଲାର ଆଦିବାସୀ ଓ ବନବାସୀମାନେ ପରମ୍ପରା ଅନୁଯାୟୀ ଜାନୁଆରୀ ମାସ ମକର ସଂକ୍ରାନ୍ତି ଓ ଏପ୍ରିଲ ମାସ ପଣା ବା ବିଷୁବ ସଂକ୍ରାନ୍ତି ପାଳନ ସମୟରେ ସପ୍ତାହବ୍ୟାପୀ ଅଖଣ୍ଡ ଶିକାର କରିଥାନ୍ତି। ଗୋଷ୍ଠୀଗତ ଭାବରେ ଗାଁ ଦେବତା ବା ଜାହିରାରେ ପୂଜା କରି ଜଙ୍ଗଲ ଭିତରକୁ ପ୍ରବେଶ କରି ନୀରିହ ବନ୍ୟଜନ୍ତୁଙ୍କୁ ଶିକାର ସହ ପର୍ବପର୍ବାଣୀରେ ଭୋଜି କରି ଖାଇଥାନ୍ତି। ଶିକାର ନ କରିବା ଲାଗି ସେମାନଙ୍କୁ ସଚେତନ କରିବା ପାଇଁ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ଧରି ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଏପ୍ରିଲ୍ ମାସରେ ଅଖଣ୍ଡ ଶିକାର ଉଦ୍ଦେଶ୍ୟରେ ଅନେକ ଜଙ୍ଗଲରେ ସେମାନେ ନିଆଁ ଲଗାଉଥିବାରୁ ଶିମଳିପାଳରେ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ଜଙ୍ଗଲ ମଧ୍ୟରେ ସାମୁହିକ ଶିକାର ଯୋଗୁ ବନ୍ୟଜନ୍ତୁ ବାଟବଣା ହୋଇ ଗ୍ରାମାଭିମୁଖୀ ହୋଇଥାନ୍ତି। ତେବେ ମିଳିମିଶି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଶିମିଳିପାଳ ସୁରକ୍ଷା ଓ ଅଖଣ୍ଡ ଶିକାର ରୋକିବା ପାଇଁ ବନ ବିଭାଗକୁ ସମସ୍ତେ ସହଯୋଗ କରିବେ ବୋଲି ବୈଠକରେ ସହମତି ପ୍ରକାଶ କରିଥିଲେ। ଏସ୍‌ପି ରଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ରହି ଶିକାରୀଙ୍କୁ ଧରିବା ପାଇଁ ଜଙ୍ଗଲ ସଂଲଗ୍ନ ସମସ୍ତ ଥାନା ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡ଼ିଏ ପି.ଅନ୍ୱେଷା ରେଡ୍ଡି, ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା, ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା(ଦକ୍ଷିଣ) ଓ ସାଇକିରଣ(ଉତ୍ତର), ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ, ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରା, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ, ଜିଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ, ଜିଲା ଜନସ୍ୱାସ୍ଥ୍ୟ ତଥା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ରଙ୍କ ସମେତ ସମସ୍ତ ଲାଇନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପୋଲିସ ନିଷ୍କ୍ରିୟତାକୁ ସ୍ୱାଧୀନତା ସଂଗ୍ରାମୀ ସମିତିର ନିନ୍ଦା



ଖବରଦାତା ସମ୍ମିଳନୀରେ ସ୍ୱାଧୀନତା ସଂଗ୍ରାମୀ ସମିତି କର୍ମକର୍ତ୍ତା।

## ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା

ଭଦ୍ରକ ଅଫିସ,୮।୪

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୈଷ୍ଣବ ଚରଣ ନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ୧୭ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ପୋଲିସର ନିଷ୍କ୍ରିୟତାକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିନ୍ଦା କରାଯାଇଛି। ସମିତିର ବରିଷ୍ଠ ସଦସ୍ୟ ବ୍ରଜ କିଶୋର ରାଉତଙ୍କ ଅଧ୍ୟକ୍ଷତାରେ ଆହୂତ ଏହି ସମ୍ମିଳନୀରେ ବରିଷ୍ଠ ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା କହିଥିଲେ, ଧୃଷ୍ଟୁରୀ ଥାନା କାଶିମପୁରଠାରେ ଥିବା ଉକ୍ତ ପ୍ରତିମୂର୍ତ୍ତିକୁ ମାର୍ଚ୍ଚ ୨୧ରେ କେହି ଦୁର୍ବୃତ୍ତ ଭାଙ୍ଗି ବିକୃତ କରିଥିଲେ। ୨୨ ତାରିଖରେ ଧୃଷ୍ଟୁରୀ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସଂଗ୍ରାମୀ ସମିତି ବିକ୍ଷୋଭ କରିବ ବୋଲି ଚେତାବନୀ ଦିଆଯାଇଛି।

# ମନ ଜିଣିଲା ଅସୀମାଙ୍କ ଗୀତ, ପ୍ରଜ୍ଞାଙ୍କ କମେଡି



ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

## ଆମ ଔପଦା ମହୋତ୍ସବ ଉଦ୍‌ଘାଟିତ

ଖଇରା/ଔପଦା, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଔପଦା ବ୍ଲକ ଔପଦା ହାଇସ୍କୁଲ ପଡିଆରେ ଗୁରୁବାର 'ଆମ ଔପଦା ମହୋତ୍ସବ' ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଶୁଭେନ୍ଦୁ କୁମାର ପଣ୍ଡା ଅତିଥି ପରିଚୟ ଓ ସମ୍ପାଦକ ଆଦିତ୍ୟ ନାରାୟଣ ବେହେରା ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ହର ପ୍ରସାଦ ପଣ୍ଡା ମୁଖ୍ୟବକ୍ତା, ବିଶିଷ୍ଟ ଆଇନଜୀବୀ ତଥା ସୁସାହିତ୍ୟକ କୃଷ୍ଣପ୍ରସାଦ ନାୟକ, ପ୍ରସିଦ୍ଧ ଯାତ୍ରା କଳାକାର ଦୈତାରୀ ପଣ୍ଡା, ସାମାଜିକ କର୍ମୀ ଚନ୍ଦ୍ରବିନ୍ଦୁ ଦାସ, ସ୍ଥାନୀୟ ସରପଞ୍ଚ ଦିପ୍ତୀରାଣୀ ନାୟକ, ସମିତିସଭ୍ୟା ଉଷାରାଣୀ ନାୟକ, ଡା. ବିବେକାନନ୍ଦ ନାୟକ, ଆଇନଜୀବୀ ଅଜୟ ପଟ୍ଟନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳିତ ଉଦ୍ୟମ ସଫଳତା ଆଣେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କଳା, ସଂସ୍କୃତି ଶିକ୍ଷା ଓ ସାହିତ୍ୟରେ ପାରଦର୍ଶିତା ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସତ୍ୟଜିତ ପ୍ରଧାନଙ୍କ କଣ୍ଠର ଯାଦୁ ଓ କଳାଜଗତର ଚର୍ଚ୍ଚିତ ହାସ୍ୟାଭିନେତା ପ୍ରଜ୍ଞା ଖଟୁଆଙ୍କ କମେଡି ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।

# ସ୍ୱତନ୍ତ୍ର ଟିକାକରଣ ଅଭିଯାନ

ବାଲେଶ୍ୱର ଅଫିସ, ୮।୪

ବାଲେଶ୍ୱର ଜିଲା ନାରୀ ସଂଘ ପରିଶେଷରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା କାର୍ଯ୍ୟ ସହ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୨ ଜଣ ହିତାଧିକାରୀଙ୍କୁ କୋଭିଡ୍ ନିରାକରଣ ପାଇଁ ଟିକା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ କୌଣସି ପରିଚୟ ନ ଥିବା ଯଥା ଆଧାର କିମ୍ବା ଅନ୍ୟାନ୍ୟ ପରିଚୟ ପତ୍ର ନ ଥିବା ୨୨ ହିତାଧିକାରୀଙ୍କୁ ଏହି ଟିକା ପ୍ରଦାନ କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଅତିରିକ୍ତ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଚୌଧୁରୀ ଏବଂ ଏଡିପିଏଚ୍‌ଓ, ଡିପିଏମ୍‌ସିୟୁ, ଆଇସିଏ, ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଯୁବ ଜିଲା ଅଧିକାରୀ ରମେଶ ଆର୍ କପୁର, ନାରୀସଂଘ ଅଧ୍ୟକ୍ଷା ଗୋପାମୁଦ୍ରା ମହାପାତ୍ର, ସମ୍ପାଦିକା ଅପର୍ଣ୍ଣା ମହାପାତ୍ର, କୋଷାଧ୍ୟକ୍ଷ ପୁଷ୍ପଲତା ମହାନ୍ତି, ଉତ୍କଳା କଲଚରାଲ ଏକାଡ଼େମୀ ଅଧ୍ୟକ୍ଷ ବିକ୍ରମ ବାରିକ୍, ଏଡବ୍ଲ୍ୟୁସି ବାଲେଶ୍ୱର ଯୁବ ଶାଖାର ଅରୁଦିପ୍ତା ସ୍ୱାଇଁ, ମେଘନା ମନସ୍ୱନୀ ମହାପାତ୍ର, ମନିସ ହର୍ଷବର୍ଦ୍ଧନ ମହାପାତ୍ର, ବିଶ୍ୱଜିତ୍ ନାୟକ, ସମ୍ୟସାର୍ଥକ ଭରଦ୍ୱାଜ, ଆୟୁଷ ଜେନା, ଆୟୁସୀ ଗୁପ୍ତା, ୟଗେଶ ସରୋଗି, ବିନାୟକ ପାଣିଗ୍ରାହୀଙ୍କ ସମେତ ଯୁବ ଶାଖାର ଅନ୍ୟାନ୍ୟ କର୍ମକର୍ତ୍ତା, ନାରୀ ସଂଘର କର୍ମକର୍ତ୍ତା ଓ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସହିତ ସ୍ୱାସ୍ଥ୍ୟ ଭିତ୍ତିକ ବିଭିନ୍ନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା।

# ଯୋଡ଼ା ଖଣି ଅଞ୍ଚଳରେ ଟ୍ରକ୍ ଚୋରି ର୍ୟାକେଟ ସକ୍ରିୟ

## ସପ୍ତାହରେ ୫ ଟ୍ରକ୍ ଚୋରି

ଯୋଡା,୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଟ୍ରକ୍ ଚୋରି ର୍ୟାକେଟ ସକ୍ରିୟ ହୋଇ ପଡ଼ିଛନ୍ତି। ସପ୍ତାହକ ମଧ୍ୟରେ ଅଞ୍ଚଳରୁ ୫ଟି ଟ୍ରକ୍ ଚୋରି ହୋଇଛି। ଲୁଟେରାମାନେ ଟ୍ରକ୍ ଚୋରି କରି ନେଇ ପଡ଼ୋଶୀ ଝାଡ଼ଖଣ୍ଡରେ ବିକ୍ରି କରି ଦେଉଛନ୍ତି। ଗତ ୬ ତାରିଖ ଭୋର ସମୟରେ ବାଂଶପାଣିର ଗଣେଶ ପଲେଇଙ୍କ ଏକ ଟ୍ରକ୍ ଚୋରି ହୋଇଥିଲା। ସେହିପରି ମାର୍ଚ୍ଚ ୨୯ ତାରିଖରେ ଦିଲ୍ଲୀପ କୁମାର ବାରିକ, ଫେବୃୟାରୀ ୧୭ରେ ବାଂଶପାଣିର ପ୍ରହ୍ଲାଦ ଗୁପ୍ତା ଓ ଯୋଡ଼ା ଅଞ୍ଚଳର ଶ୍ରବଣ କୁମାର ପୋଥାଲଙ୍କ ଟ୍ରକ୍ ଚୋରି ହୋଇଥିଲା। ସେହିପରି ଫିରୋଜ ମିସ୍ତ୍ରୀଙ୍କର ଟ୍ରକ୍‌କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ବଡ଼ବିଲ ନିକଟରେ ରାସ୍ତା ଜାମ୍ ଥିବାରୁ ସେମାନେ ଟ୍ରକ୍‌କୁ ରାସ୍ତା ଉପରେ ଠିଆକରି ଚମ୍ପଟ ମାରିଥିଲେ। ଟ୍ରକ ମାଲିକମାନେ ଏନେଇ ଯୋଡ଼ା ଥାନାରେ ଏତଲା ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ। ସେମାନେ ଏକତ୍ରିତ ହୋଇ ନିଜସ୍ୱ ଉଦ୍ୟମରେ ଝାଡ଼ଖଣ୍ଡର ଚାଇଁବସାଠାରୁ ଟ୍ରକ ଗୁଡ଼ିକୁ ଉଦ୍ଧାର କରିବା ସହ ଏହି ଚୋରି ର୍ୟାକେଟର ୩ ଅଭିଯୁକ୍ତଙ୍କୁ ଧରି ଯୋଡ଼ା ଥାନା ଜିମା ଦେଇଛନ୍ତି।

# ଜିଲାସ୍ତରକୁ ୮ ପ୍ରକଳ୍ପ ମନୋନୀତ

## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୮୧ ପ୍ରକଳ୍ପ

ବାହାନଗା, ୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଜୁନିୟର ସିନିୟର ବିଭାଗରୁ ୮୧ଜଣ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ତେବେ ଜୁନିୟର ଓ ସିନିୟର ବିଭାଗରୁ ୮ଜଣ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି।

ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମିହିରି କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ, ମୁଖ୍ୟବକ୍ତା ଭାବେ ଏଡିଇଓ ଧରଣୀଧର ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ସଂଯୋଜକ କୃଷ୍ଣମୋହନ ସିଂହ, ବାହାନଗା ଏବିଇଓ ରୋହିଆ ଟୁଡୁ, ଏବିଇଓ ଉମାକାନ୍ତ ଦାସ, ବ୍ଲକ ବିଜ୍ଞାନ ସଂଯୋଜକ ରଞ୍ଜନ କୁମାର ଦାସ, ଗୋପାଳପୁର କ୍ଲଷ୍ଟର ସିଆରସିସି କାମାକ୍ଷା ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ତେବେ ଦ୍ୱିତୀୟ ଅଧିବେଶନ ଓ ପୁରସ୍କାର ବିତରଣ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଇଓ ପ୍ରଧାନ। ମୁଖ୍ୟଅତିଥି ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳପୁର ସରପଞ୍ଚ ତୁଷାରକାନ୍ତୀ ମହାପାତ୍ର, ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବିଦ୍ୟାଳୟ ପ୍ରଧାନଶିକ୍ଷକ ମାନସ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିରାମ ସାହୁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

# ବ୍ୟାଙ୍କ ଆସିଥିବା ଯୁବତୀ ଅପହୃତ

ସିମୁଳିଆ, ୮।୪(ଡି.ଏନ.ଏ.)

ସିମୁଳିଆ ଥାନା ବାଲିକଣା ଅଞ୍ଚଳର ଜଣେ ୨୪ ବର୍ଷୀୟ ଯୁବତୀଙ୍କୁ ଗୁରୁବାର ଅପରାହ୍ନରେ ଅପହରଣ କରାଯାଇଛି । ଏ ସମ୍ପର୍କରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି ।

ଯୁବତୀ ଜଣଙ୍କ ସ୍କୁଟି ଯୋଗେ ନିଜ ସାନ ଭଉଣୀକୁ ନେଇ ମାର୍କୋଣା ଆସିଥିଲେ। ସାନ ଭଉଣୀକୁ ଏକ ପାର୍ଲରରେ ଛାଡ଼ି ବ୍ୟାଙ୍କ କାମ ପାଇଁ ଯାଇଥିବା ବେଳେ ଅପହରଣ ହୋଇଥିଲେ । ତେବେ ଅପହରଣ ପୂର୍ବରୁ ସେ ତାଙ୍କ ବାପାଙ୍କୁ ଫୋନ କରି ମୋତେ ବଞ୍ଚାଅ ବୋଲି କହିଥିବା ତାଙ୍କ ବାପା ପୋଲିସ ଆଗରେ କହିଛନ୍ତି। ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ମଦ କାରବାର ବନ୍ଦ କରିବାକୁ ଦାବିପତ୍ର

କେନ୍ଦୁଝର, ୮।୪(ଡି.ଏନ୍.ଏ.)

କେନ୍ଦୁଝରର ସଦର ବ୍ଲକ କଣ୍ଡରାପଶିରେ ଚୋରା ମଦ କାରବାରକୁ ନେଇ ସୋମବାର ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଅଭିଯୋଗ ଅନୁସାରେ କଣ୍ଡରାପଶି ଅଞ୍ଚଳରେ ଚୋରା ମହୁଲି ମଦ, ଚୋରା ବିଦେଶୀ ମଦ ଏବଂ ଗଞ୍ଜେଇର ବିକ୍ରି ବଢି ବଢି ଚାଲିଛି। ଏହି ଅଞ୍ଚଳରେ ବ୍ୟାପକ ବେଧଡ଼କ ଚୋରା ମଦ କାରବାର କାରଣରୁ ଅଞ୍ଚଳରେ ଶାନ୍ତି ଭଙ୍ଗ ହୋଇ ସାରିଲାଣି। ପ୍ରତ୍ୟେକ ଦିନ ଲୋକେ ମଦ ପିଇ ପାଟି ତୁଣ୍ଡ କରୁଥିବାରୁ ଘରେ ଘରୋଇ ହିଂସା ବଢି ଚାଲିଛି। ଖୋଲାମେଲାରେ କାହାକୁ ଭୟ ନକରି ମଦ ବେପାରୀ ମଦ ବିକ୍ରି କରୁଥିବାରୁ ପିଲା ମାନଙ୍କର ଭବିଷ୍ୟତ ନଷ୍ଟ ହେବାକୁ ବସିଲାଣି। ଏ ବାବଦରେ ଅବକାରୀ ବିଭାଗ କିମ୍ବା ସ୍ଥାନୀୟ ପୋଲିସ ସବୁ ଜାଣି ନଜାଣିଲା ଭଳି ଆଚରଣ କରୁଛନ୍ତି। ଏ ବାବଦରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେମାନଙ୍କର ନାଁ ସହିତ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି।

# ଧରାପଡ଼ିଲେ ୨ ଅଭିଯୁକ୍ତ

## ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା

ଯୋଡ଼ା,୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା–ବାମେବାରୀ ରାଜ୍ୟ ରାଜପଥର ଧରଣୀଧର ଛକଠାରେ ଟ୍ରକ ଡ୍ରାଇଭରଙ୍କୁ ଭୁଜାଲିରେ ଆକ୍ରମଣ କରି ଲୁଟ୍ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଯୋଡ଼ା ପାତ୍ର ବସ୍ତି ଅଞ୍ଚଳର ଅନିଲ ଗୋପ ଓ ବିଜୟ ପାତ୍ର। ଗତ ୬ ତାରିଖ ବିଳମ୍ବିତ ରାତିରେ ଯୋଡ଼ା ଧରଣୀଧର ଛକ ନିକଟ ରାସ୍ତାରେ ଟ୍ରାଫିକ୍ ଜାମ୍‌ରେ ଫସିଥିବା ଟ୍ରକ ଡ୍ରାଇଭର ରିଜାଦ ଖାନଙ୍କୁ ଅଭିଯୁକ୍ତ ଦ୍ୱୟ ଭୁଜାଲିରେ ଆକ୍ରମଣ କରି ୯ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା (ନଂ.୫୯/୨୨) ରୁଜୁ କରି ଏହାର ତଦନ୍ତ ଜାରି ରଖିଥିଲା ।

# ଛଉନୃତ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର କମିଟି

- ୧୧ରୁ ମୟୂରଭଞ୍ଜ ଚୈତ୍ର ପର୍ବ-୨୨
- ୩ ଦିନ ହେବ ସିଧା ପ୍ରସାରଣ

ବାରିପଦା ଅଫିସ,୮।୪

ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଜିଲାର ଛଉ ନୃତ୍ୟ ଆସନ୍ତା ୧୧ରୁ ଅନୁଷ୍ଠିତ ହେବ। ୩ ଦିନିଆ ଏହି ଚୈତ୍ରପର୍ବ-୨୨ର ସିଧା ପ୍ରସାରଣ କରାଯିବା ନେଇ ଶୁକ୍ରବାର ଜିଲାପାଳ ବିନୀତ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। 'ମୟୂରଭଞ୍ଜ ଚୈତ୍ରପର୍ବ-୨୨' ନାମରେ ୟୁଟ୍ୟୁବ ଚ୍ୟାନେଲରେ ଏହାର ସିଧା ପ୍ରସାରଣ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ପ୍ରଦତ୍ତ ୱେବ୍‌ସାଇଟ୍ ଲିଙ୍କ୍ ଦ୍ୱାରା ଜିଲା ତଥା ଜିଲା ବାହାରେ ଥିବା ଛଉନୃତ୍ୟ ପ୍ରେମୀମାନେ ୩ ରାତିର କାର୍ଯ୍ୟକ୍ରମ ମୋବାଇଲରେ ଦେଖିପାରିବେ ବୋଲି ଜିଲାପାଳ କହିଛନ୍ତି। ଛଉନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି।

୧୧ତାରିଖ ସନ୍ଧ୍ୟାରେ ଜିଲାର ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହେବ। ଏହାପରେ ଗ୍ରାମାଞ୍ଚଳ ପ୍ରତିଯୋଗିତାର ଶ୍ରେଷ୍ଠ ୧୩ ନୃତ୍ୟଦଳ ସେହି ରାତିରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ୧୨ ଓ ୧୩ରେ ଉତ୍ତର ଓ ଦକ୍ଷିଣ ସାହି ଛଉନୃତ୍ୟ ଦଳ ପ୍ରତିଯୋଗିତାରେ ଭାଗ ନେବେ। ଗ୍ରାମାଞ୍ଚଳରୁ ଆସୁଥିବା ୧୩ଟି ନୃତ୍ୟ ଦଳ ରହିବା ବ୍ୟବସ୍ଥା କରାଯାଇଛି। ୩ ଦିନିଆ ଏହି କାର୍ଯ୍ୟକ୍ରମ ଆଡମ୍ବର ସହକାରେ ପାଳିତ ହେବାକୁ ଥିବା ବେଳେ ପ୍ରତ୍ୟେକ ରାତିରେ ଜଣେ ମାଜିଷ୍ଟ୍ରେଟଙ୍କ ସହିତ ପର୍ଯ୍ୟାପ୍ତ ପୋଲିସ ମୁତୟନ ରହିବେ। ଦର୍ଶକଙ୍କ ଆମୋଦ ପ୍ରମୋଦ ପାଇଁ ବାରିପଦା କଲେଜ ପଡ଼ିଆଠାରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା–୨୦୨୨ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହା ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୫ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମେଳା ପ୍ରଦର୍ଶନୀ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ରାତି ୧୦ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣାରେ କ୍ଷତିଗ୍ରସ୍ତ ଚାଷୀ

ଆନନ୍ଦପୁର, ୮।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ବ୍ୟାରେଜ ପ୍ରୋଜେକ୍ଟ ବାମପାର୍ଶ୍ୱ କେନାଲ ଦ୍ୱାରା କ୍ଷତିଗ୍ରସ୍ତ ପଦ୍ମପୁର ଗ୍ରାମର ଚାଷୀମାନେ ଶୁକ୍ରବାର କେନାଲ ନିର୍ମାଣ ସ୍ଥାନରେ ଧାରଣାରେ ବସିଛନ୍ତି। ସେମାନେ ବିଭିନ୍ନ ସମୟରେ ସରକାରଙ୍କ ନିକଟରେ ଉପଯୁକ୍ତ କ୍ଷତିପୂରଣ ଦାବି କରିଆସିଛନ୍ତି। କ୍ଷତିପୂରଣ ତ ମିଳିବା ଦୂରର କଥା ଜୋର ଜବରଦସ୍ତ ସେମାନଙ୍କ ଜମିରୁ ହଟାଯାଇ କେନାଲ ନିର୍ମାଣ କାର୍ଯ୍ୟ ସ୍ୱାଭାବିକ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି। ଦିନକୁ ଦିନ ଜମିର ମୂଲ୍ୟାୟନ ବୃଦ୍ଧି ପାଉଥିବା ବେଳେ ସରକାରୀ ସ୍ତରରେ ଶାଗ ମାଛ ଦରରେ ଜମି ଅଧିଗ୍ରହଣ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

ଆନନ୍ଦପୁର ପୌର ପରିଷଦର ପଦ୍ମପୁର ଗ୍ରାମର ୯୦ ପ୍ରତିଶତ ଚାଷୀ ପନିପରିବା ଚାଷ ଉପରେ ନିର୍ଭର କରି ପରିବାର ଭରଣପୋଷଣ କରିଥାନ୍ତି। ଉକ୍ତ କେନାଲ ପାଇଁ ଜମି ହରାଇବା ଦ୍ୱାରା ପଦ୍ମପୁରର ୧ ଓ ୨ ନଂ. ୱାର୍ଡର ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଣୁ ପ୍ରତିବାଦ ସ୍ୱରୂପ ଜମି ହରାଇଥିବା ଚାଷୀମାନେ ଠିକ୍ ମୂଲ୍ୟ ଦାବିରେ ଧାରଣାକୁ ଓହ୍ଲାଇଥିବା ପ୍ରକାଶ କରିଛନ୍ତି।




ଧାରଣାରେ ବସିଥିବା ଚାଷୀମାନେ।

# ୧୨ଶହ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ

ବାସୁଦେବପୁର, ୮।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ବାସୁଦେବପୁର ପୌରପାଳିକାର ୨୩ ୱାର୍ଡର ୧୨ଶହ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ (ସହରାଞ୍ଚଳ)ର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଧାର୍ଯ୍ୟ ସମୟ ମଧ୍ୟରେ ସାରି ବୋନସ ଟଙ୍କା ହାତେଇବାକୁ ସେ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୌରାଧକ୍ଷା ନିବେଦିତା ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ ୱାର୍ଡର କାଉନ୍‌ସିଲର ସଭାରେ ଉପସ୍ଥିତ ଥିଲେ।

